# ସମ୍ବଲପୁର ମହାନଗର ନିଗମ
# ସମ୍ବଲପୁର (ଓଡ଼ିଶା)

Email Id : Sambalpurm.hud@nic.in
Phone No. 0663-2411012

ବିଜ୍ଞପ୍ତି ପତ୍ର ସଂଖ୍ୟା. 3647 / ତା. 13.06.2024

## ମଳଉପଚାର କେନ୍ଦ୍ରର କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀଙ୍କ ପାଇଁ ଅଭିବ୍ୟକ୍ତି ପ୍ରକାଶନ

ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଏମଏସଜି) / ଏଏଲଏଫ / ସିଏଲଏଫ / ଟି.ଜି (ଟ୍ରାନ୍ସଜେଣ୍ଡର) ଗୋଷ୍ଠୀମାନଙ୍କଠାରୁ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସମ୍ବଲପୁରଠାରେ ଥିବା ମଳଉପଚାର କେନ୍ଦ୍ର (ଏଫଏସଟିପି)ର ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ ଇଂଟରେଷ୍ଟ) ଆହ୍ୱାନ କରାଯାଉଛି ।

ସମ୍ବଲପୁର ମହାନଗର ନିଗମ, ଏହାର ପରିସର ଭୁକ୍ତ ସମ୍ବଲପୁର (ୱାର୍ଡ ନମ୍ବର- ୫ ଏବଂ ୧୦, ୩୬) ଠାରେ ଥିବା ମଳ ଉପଚାର କେନ୍ଦ୍ର (ଏଫଏସଟିପି)ର ପରିଚାଳନା ପାଇଁ ୦୧ ବର୍ଷ (କାର୍ଯ୍ୟାଦେଶ ପ୍ରାପ୍ତିର ଦିବସଠାରୁ) ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠି (ଏମଏସଜି) / ଏଏଲଏଫ / ସିଏଲଏଫ / ଟିଜି (ଟ୍ରାନ୍ସଜେଣ୍ଡର) ଗୋଷ୍ଠିମାନଙ୍କଠାରୁ ଲଫାଫାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ ଇଂଟରେଷ୍ଟ) ସଂଲଗ୍ନ ସର୍ତାବଳୀ ମୁତାବକ ଆହ୍ୱାନ କରୁଛନ୍ତି । ଏହି ମୁଦା ଲଫାଫାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ ଇଂଟରେଷ୍ଟ) ସଂପୃକ୍ତ ମହାନଗର ନିଗମରେ PMU ସେକ୍ସନରେ ସ୍ଥିତ ଟେଂଡର ବକ୍ସରେ ତା. ୦୩.୦୭.୨୦୨୪ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ପକାଇବା ଆବଶ୍ୟକ ।

| କ୍ରମିକ ସଂଖ୍ୟା | ୱାର୍ଡ଼ ସଂଖ୍ୟା | ମଳ ଉପଚାର କେନ୍ଦ୍ର (ଏଫଏସଟିପି) ନାମ | କ୍ଷମତା | କେଉଁ ୱାର୍ଡ଼ ଆବେଦନ କରିପାରିବେ |
|---|---|---|---|---|
| ୧ | ୫ | ବୁର୍ଲା | ୨୦ ହଜାର ଲିଟର ଦିନକୁ | ୪,୫,୬,୭ |
| ୨ | ୧୦ | ହୀରାକୁଦ | ୨୦ ହଜାର ଲିଟର ଦିନକୁ | ୮,୯,୧୦,୧୧ |
| ୩ | ୩୬ | ଖେତ୍ରାଜପୁର / ଖଣ୍ଡୁଆଲ | ୨୦ ହଜାର ଲିଟର ଦିନକୁ | ୩୫,୩୬,୩୭ |

ମୁଦାଲଫାଫା ଉପରେ ସଂପୃକ୍ତ ଆବେଦନକାରୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠି (ଏମଏସଜି) / ଏଏଲଏଫ / ସିଏଲଏଫ / ଟିଜି (ଟ୍ରାନ୍ସଜେଣ୍ଡର) ଗୋଷ୍ଠିର ନାମ ଓ ଠିକଣା ଲିପିବଦ୍ଧ ରହିବା ଆବଶ୍ୟକ ।

1. **ଏହି କାର୍ଯ୍ୟ ଅନୁଯାୟୀ ନିମ୍ନ ମାନବ ସମ୍ବଳ ଆବଶ୍ୟକ:**

   **3.1 ପ୍ଲାଣ୍ଟ ମ୍ୟାନେଜର (ଜଣେ):**

i. ସଦସ୍ୟ ଚୟନ ହୋଇଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠି (ଏମଏସଜି) / ଏଏଲଏଫ / ସିଏଲଏଫ / ଟିଜି (ଟ୍ରାନ୍ସଜେଣ୍ଡର) ଗୋଷ୍ଠୀରୁ ହୋଇଥିବା ଦରକାର |

ii. FSTP ପାଇଁ ବିକଶିତ ମାନକ ଅନୁଯାୟୀ ପ୍ରତ୍ୟେକ ଇଣ୍ଟରଫେସର ପରୀକ୍ଷ କରିବେ | ସମସ୍ତ ତଥ୍ୟର ରେକର୍ଡ ଏବଂ ପ୍ଲାଣ୍ଟରେ ଆବଶ୍ୟକ ହେଉଥିବା ସମସ୍ତ ଉପଯୋଗୀ ସାମଗ୍ରୀର ତାଲିକା, FSTP କୁ ଆସୁଥିବା ସେସପୁଲ୍ ଯାନଗୁଡିକର ରେକର୍ଡ ଏବଂ ସେମାନଙ୍କର ସମୟ, ଯାନ ପ୍ରକାର ଏବଂ କ୍ଷମତାର ରେକର୍ଡ ରଖିବା |

iii. ଗୋଷ୍ଠୀକୁ ସାହାଯ୍ୟ କରିବେ ଏବଂ SMC ସହିତ ସମନ୍ୱୟ ରଖିବେ |

iv. OWSSB ଏବଂ SMC ଠାରୁ ଦରକାର ପଡିଲେ ବୈଷୟିକ ସହାୟତା ନେବେ | FSTP ଚଲେଇବା ପାଇଁ ମାନକ କୁ ଅନୁସରଣ କରିବେ |

**3.2 ଟେକ୍ନିକାଲ ରିସୋର୍ସ ପରସନ (ଜଣେ):**

i. ଟେକ୍ନିକାଲ ରିସୋର୍ସ ପରସନ ଗୋଷ୍ଠୀ ଦ୍ୱାରା ନିଯୁକ୍ତ ହେବେ |

ii. ଯୋଗ୍ୟତା: BSc. ରସାୟନ ବିଜ୍ଞାନ / MSc. ରସାୟନ ବିଜ୍ଞାନ / MSc. ବାୟୋକେମିଷ୍ଟ୍ରି / MSc. ପରିବେଶ ବିଜ୍ଞାନ କିମ୍ବା ଯେ କୌଣସି ରସାୟନ ଡିଗ୍ରୀ | ଯେ କୌଣସି ଲାବୋରେଟୋରୀରେ ଜଳ / ବର୍ଜ୍ୟଜଳ ଲ୍ୟାବରେ କାର୍ଯ୍ୟ କରିବାର ସର୍ବନିମ୍ନ ୦୧ ବର୍ଷର ଅଭିଜ୍ଞତା,

iii. ତଥ୍ୟ ସଂଗ୍ରହ, ଲ୍ୟାବ ପରୀକ୍ଷା ଏବଂ ରିପୋର୍ଟ ଏବଂ ଡିଜିଟାଲ ଡାଟାବେସ୍ ପରିଚାଳନା, ଇଂରାଜୀ ଭାଷା ଜ୍ଞାନ(ପଢିବା , ଲେଖିବା ଏବଂ କହି ପାରୁଥିବା କଥା) ଏବଂ ଓଡିଆ ଭାଷା ଜ୍ଞାନ(କହିପାରୁଥିବା କଥା) |

iv. କାର୍ଯ୍ୟ ଅବଧି: ଗୋଷ୍ଠୀର ଚୁକ୍ତିନାମା ଅବଧି ଅନୁଯାୟୀ (ଟେକ୍ନିକାଲ ରିସୋର୍ସ ପରସନ ସାପ୍ତାହିକ ୬ ଦିନ କାର୍ଯ୍ୟ କରିବେ )

**3.3 ପରିମଳ କର୍ମଚାରୀ (୩ ଜଣ):**

i. FSTP ରେ ସ୍ୱଚ୍ଛତା ଏବଂ ପରିମଳ ନିଶ୍ଚିତ କରିବେ |

ii. ସେସପୁଲ୍ ଯାନରୁ ଫେକାଲ୍ ସେପ୍ଟେଜ୍ ବିସର୍ଜନ / ଖାଲି କରିବାରେ ଡ୍ୟୁଟି, ଡିସଚାର୍ଜ କରିବା, ସ୍କ୍ରିନିଂ ଚାମ୍ବରରେ ସଫେଇ କରିବା |

iii. ଫେକାଲ୍ ସ୍ଲେଜ୍ ବିସର୍ଜନ ପରେ ଯାନ ସଫେଇ କରିବେ |

iv. ସ୍ଲଜ ଶୁଖାଇବା ବେଡରୁ ଷ୍ଟୋରେଜ୍ ୟାର୍ଡ ନେଇ ରଖିବେ |

v. ବାୟୋ-ସଲିଡ୍ ଏବଂ ବିଶୋଧିତ ବର୍ଜ୍ୟଜଳର ପୁନଃ ବ୍ୟବହାର |

vi. କାର୍ଯ୍ୟ ସମୟରେ PPEର ଉପଯୁକ୍ତ ବ୍ୟବହାର |

**3.4 ନାଇଟ ସିକ୍ୟୁରିଟି ଗାର୍ଡ଼ (ଜଣେ):**

i. ନାଇଟ ସିକ୍ୟୁରିଟି ଗାର୍ଡ଼ ଗୋଷ୍ଠୀ ଦ୍ୱାରା ନିଯୁକ୍ତ |

ii. ସମୟର ରେକର୍ଡ ଦାଖଲ କରିବେ |

iii. FSTP ନିରାପତ୍ତା ବଜାୟ ରଖିବେ |

iv. ଗୋଷ୍ଠୀର କାର୍ଯ୍ୟ ସମାପ୍ତ ହେଲା ପରେ, ତାଙ୍କ ଅନୁପସ୍ଥିତିରେ ସେସପୁଲ୍ ଟ୍ରକ୍ ଗୁଡ଼ିକର ଟ୍ରିପ୍, ଗାଡି ସଂଖ୍ୟା ରେକର୍ଡ ରଖିବେ ।

2. **କାର୍ଯ୍ୟ ସୂଚୀ**

**3.1** ଫେକାଲ୍ ସ୍ଲଜ୍ (ସେପ୍ଟେଜ୍ ବା ସେପିଟିସି ଟାଙ୍କରୁ ବାହାରିଥିବା ତରଳ ପଦାର୍ଥ) ପରିଚାଳନାରେ ସଂଗ୍ରହ, ଉପଚାର ଏବଂ ଉପଯୁକ୍ତ ନିଷ୍କାସନ / ନିରାପଦ ପୁନଃ ବ୍ୟବହାର |

**3.2** କାର୍ଯ୍ୟ ନିର୍ବାହ ଏବଂ ନିୟମିତ ରକ୍ଷଣାବେକ୍ଷଣ ପାଇଁ ଗୋଷ୍ଠୀ ନିଜର ସଦସ୍ୟମାନଙ୍କୁ FSTPର ବୈଷୟିକ ତାଲିମ ସହିତ ନିୟୋଜିତ କରିବେ | ତାଲିମ SMC ଦ୍ୱାରା ଦିଆଯିବ |

**3.3** ଗୋଷ୍ଠୀର ଚୟନ ପରେ, ଗୋଷ୍ଠୀ ନିଜର ସମସ୍ତ ସଦସ୍ୟଙ୍କର ଏକ ଦସ୍ତଖତ ହୋଇଥିବା ତାଲିକା ଏବଂ ରିଜୋଲ୍ୟୁସନ୍ ଦେବେ, ଯେଉଁଥିରେ FSTPରେ ନିୟୋଜିତ ହେବାକୁଯିବା ସଦସ୍ୟଙ୍କ (ନ୍ୟସ୍ତ ଭୂମିକା ସହ ) ନାମ ରହିବ । ଏଥିରେ କୌଣସି ପରିବର୍ତ୍ତନ SMC ର ଅନୁମୋଦନ ବିନା ହେବ ନାହିଁ | | ଗୋଷ୍ଠୀ ଦ୍ୱାରା fstp ରେ ନିୟୋଜିତ ଥିବା ସଦସ୍ୟମାନଙ୍କୁ ବଦଳ କରିବାର କୌଣସି ଆବଶ୍ୟକତା ହେଲେ, ଏହାକୁ ଦୁଇ ସପ୍ତାହ ପୂର୍ବରୁ SMC କୁ ଜଣାଇବା ଦରକାର |

**3.4** ଚୟନ ହୋଇଥିବା ଗୋଷ୍ଠୀ କୌଣସି ବ୍ୟକ୍ତିଙ୍କୁ ଆବାସିକ ଉଦ୍ଦେଶ୍ୟରେ FSTPର ସର୍ବସାଧାରଣ ସୁବିଧା ବ୍ୟବହାର କରିବାକୁ ଅନୁମତି ଦେବେ ନାହିଁ ଏବଂ କୌଣସି ପ୍ରାଣୀ, ବ୍ୟକ୍ତିଗତ ମୋଟର ଯାନକୁ FSTPରେ କିମ୍ବା ଏହାର ଆଖପାଖରେ ରଖିବାର ଅନୁମତି ଦେବେ ନାହିଁ |

**3.5** SMC ଦ୍ୱାରା ଅନୁମୋଦନ ଅନୁଯାୟୀ ପ୍ରତ୍ୟେକ ୟୁନିଟ୍ ଚାରିପାଖରେ ଫୁଲ ଏବଂ ଅନ୍ୟାନ୍ୟ ଗଛ ଲଗାଇବାକୁ ଗୋଷ୍ଠୀକୁ ଅନୁମତି ଦିଆଯିବ |

**3.6** ଗୋଷ୍ଠୀ ଅନ୍ୟମାନଙ୍କୁ କମିଶନ ଆଧାରରେ କାର୍ଯ୍ୟର କୌଣସି ଅଂଶ କିମ୍ବା ସମ୍ପୂର୍ଣ୍ଣ ଲିଜ୍ ପ୍ରଦାନ କରିବ ନାହିଁ | ଯଦି ଏପରି ଆଚରଣ ଦେଖାଯାଏ, SMC ଚୁକ୍ତିନାମାକୁ ବାତିଲ କରିପାରେ |

**3.7** ଗୋଷ୍ଠୀ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରିବ ନାହିଁ ଏବଂ ଶ୍ରମିକମାନଙ୍କୁ ସାପ୍ତାହିକ ଛୁଟି ନେବାକୁ ଅନୁମତି ଦେବ |

**3.8** ମାସର ଅନୁପସ୍ଥିତ ଦିନନରେ ଗୋଷ୍ଠୀ ସଦସ୍ୟଙ୍କ ବେତନ କାଟ ହେବ |

**3.9** କେବଳ ସଦସ୍ୟ ଯେଉଁମାନେ OWSSB ଦ୍ୱାରା ବାଧତାମୂଳକ ବୈଷୟିକ ତାଲିମ ନେଇଛନ୍ତି, ସେମାନେ ହିଁ FSTP ରେ ନିୟୋଜିତ ହେବେ |

**3.10** ଯଦି କୌଣସି ଦିନ କୌଣସି ସଦସ୍ୟ ଆସିବାକୁ ଅକ୍ଷମ ହେବେ ତାହେଲେ, ତାଙ୍କ ସ୍ଥାନରେ ତାଲିମ ନେଇ ଥିବା କୌଣସି ସଦସ୍ୟଙ୍କୁ କାର୍ଯ୍ୟରେ ଜଡିତ କରାଯାଇ ପାରିବ | ଗୋଷ୍ଠୀ ଏମିତି ପରିସ୍ଥିତି ପାଇଁ ସର୍ବଦା ତାଲିମ ପ୍ରାପ୍ତ ଅତିରିକ୍ତ ସଦସ୍ୟଙ୍କୁ ପ୍ରସ୍ତୁତ ରଖିଥିବେ |

**3.11** ଗୋଷ୍ଠୀ ଏହି ପ୍ରକଳ୍ପ ପାଇଁ ପ୍ଲାଣ୍ଟ ମ୍ୟାନେଜର ଭାବରେ FSTPରେ ନିୟୋଜିତ ବିଦ୍ୟମାନ ସଦସ୍ୟଙ୍କ ଠାରୁ ଜଣେ ସଦସ୍ୟଙ୍କୁ ମନୋନୀତ କରିବ, ଯିଏ ସମସ୍ତ ହିତାଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରିବ | ପ୍ଲାଣ୍ଟ ମ୍ୟାନେଜର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ / ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ କୌଣସି ଅସୁବିଧା ପାଇଁ ରିପୋର୍ଟ କରିପାରିବେ|

3.12 ଗୋଷ୍ଠୀ ନିଶ୍ଚିତ କରିବେ ଯେ FSTP ସର୍ବଦା ସୁପରିଚାଳିତ ଏବଂ ପରିଷ୍କାର ରହିବ | ଏହି ପ୍ଲାଣ୍ଟ ଦ୍ୱାରା କୌଣସି ପାଖରେ ଥିବା ବାସିନ୍ଦାଙ୍କ ପାଇଁ କୌଣସି ଅସୁବିଧା କିମ୍ବା ବିଶୃଙ୍ଖଳା ସୃଷ୍ଟି ନ ହୁଏ |

3.13 ଗୋଷ୍ଠୀ ପ୍ରଦୂଷଣ ବା ସମ୍ପତ୍ତି କ୍ଷତିଗ୍ରସ୍ତ ନ ହେବ ପାଇଁ ଯୁକ୍ତିଯୁକ୍ତ ପଦକ୍ଷେପ ଗ୍ରହଣ କରିବେ |

3.14 ଗୋଷ୍ଠୀ ପରିବେଶ ସୁରକ୍ଷା ପାଇଁ ଥିବା ସରକାରଙ୍କ ନିୟମାବଳୀ ପାଳନ କରିବେ |

3.15 ଗୋଷ୍ଠୀ ସଦସ୍ୟ ସେସପୁଲ୍ ପରିଚାଳନା କରୁଥିବା ପରିମଳ କର୍ମଚାରୀଙ୍କୁ FSTPରେ ଗାଧୋଇବା, ଧୋଇବା ଏବଂ ଶୌଚାଳୟ ସୁବିଧା ବ୍ୟବହାର ପାଇଁ ଅନୁମତି ଦେବେ |

3.16 ସିକ୍ୟୁରିଟି ଗାର୍ଡ଼ ପ୍ରତି ରାତିରେ ପ୍ଲାଣ୍ଟରେ ରହିବା ଦରକାର |

3.17 ଗୋଷ୍ଠୀ FSTPକୁ ସପ୍ତାହରେ ସାତ ଦିନ ଚଳାଇବା | ପ୍ରତ୍ୟେକ ଦିନ FSTP ରେ ଦୁଇଟି ସିଫ୍ଟ ରହିବ ଏବଂ ପ୍ରତି ସିଫ୍ଟର ଅବଧି ୮ ଘଣ୍ଟା ରହିବ | ପ୍ରଥମ ସିଫ୍ଟ ସକାଳ ୮ ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୪ ରେ ଶେଷ ହେବ, ଦ୍ୱିତୀୟ ସିଫ୍ଟ ସକାଳ ୧୦ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଚାଲିବ |

3.18 ଯଦି ଏକ ସେସପୁଲ୍ ଗାଡି ସନ୍ଧ୍ୟା ୬ ଟା ପରେ ପ୍ଲାଣ୍ଟକୁ ଆସେ, ତେବେ ସୁରକ୍ଷା କର୍ମୀ ଗୋଷ୍ଠୀ ସହ ସମନ୍ୱୟ କରିବେ ଏବଂ ସ୍ଲଜ ନିଷ୍କାସନ କରିବେ | ଆର ଦିନ ସକାଳକୁ ଗୋଷ୍ଠୀର ପରିମଳ କର୍ମଚାରୀ ପ୍ଲାଟଫର୍ମର ଇତ୍ୟାଦି ସଫା କରିବେ |

3.19 FSTP ପରିଚାଳନା କରୁଥିବା ଗ୍ରୁପ୍ ଏକ ମାସରେ ୩୦ ଦିନ କାର୍ଯ୍ୟ କରିବ ଯେଉଁଥିରେ ୪ ଦିନ ଦରମା ସହିତ ଛୁଟି ଅନ୍ତର୍ଭୁକ୍ତ |

3.20 ଗୋଷ୍ଠୀ ଦୈନିକ ଉପସ୍ଥିତି ଏବଂ ନିୟୋଜନ ରେକର୍ଡ ପ୍ଲାଣ୍ଟର ରେଜିଷ୍ଟ୍ରରେ ଦାଖଲ କରିବେ ଯାହା ମାସ ଶେଷରେ କାର୍ଯ୍ୟନିର୍ବାହୀ ଇଞ୍ଜିନିୟର / ନୋଡାଲ୍ ଅଫିସର ଦ୍ୱାରା ଯାଞ୍ଚ କରାଯିବ |

3.21 SMC ଦ୍ୱାରା ନିୟମିତ ଦକ୍ଷତା ବୃଦ୍ଧି, ସମୀକ୍ଷା ଏବଂ ମନିଟରିଂ ହେବ |

3.22 ନୋଡାଲ୍ ଅଧିକାରୀ ଗୋଷ୍ଠୀ ଯେକୌଣସି ତତକ୍ଷଣାତ୍ କିମ୍ବା ଦୀର୍ଘକାଳୀନ ଆବଶ୍ୟକତା ସମାଧାନ କରିବେ |

3.23 ଗୋଷ୍ଠୀ FSTPର ମାସିକ ରିପୋର୍ଟ ନିୟମିତ ଭାବରେ SMC ଏବଂ SUDA କୁ ପଠାଇବେ |

3.24 SeTP ରେ କୌଣସି ବିବାଦ କିମ୍ବା ବିପଜ୍ଜନକ ଘଟଣା ବିଷୟରେ ଗୋଷ୍ଠୀ SMC କୁ ସଂଗେ ସଂଗେ ଖବର କରିବେ |

3.25 ଗୋଷ୍ଠୀ କେବଳ SMC ଦ୍ୱାରା ପ୍ରାଧିକୃତ ବ୍ୟକ୍ତି ଏବଂ ଯାନକୁ ହିଁ FSTP ଭିତରେ ଆସିବାକୁ ଅନୁମତି ଦେବେ |

3.26 ଗୋଷ୍ଠୀ ପ୍ରତେକ ଦିନ FSTP ର କେତୋଟି ଟ୍ରିପ ହେଲା ଏହି ତଥ୍ୟ SMC କୁ ପଠାଇବେ|

3.27 କଣ୍ଟ୍ରାକ୍ଟ ଅବଧି: ୧ ବର୍ଷ | ଏକ ମୂଲ୍ୟାଙ୍କନ କମିଟି ଗଠନ କରି SMC ଦ୍ୱାରା ବାର୍ଷିକ କାର୍ଯ୍ୟଦକ୍ଷତା ସମୀକ୍ଷା ପରେ ସେବା ଅବଧିର ନବୀକରଣ ୧୨ ମାସ ପାଇଁ ବୃଦ୍ଧି କରାଯାଇପାରେ |

## 3. <u>ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା</u>

3.1 ମିଶନ ଶକ୍ତି ଗୋଷ୍ଠୀ, ଏଫଏସଟିପି ସ୍ଥିତ ୱାର୍ଡ଼ରୁ ହୋଇଥିଲେ ତାଙ୍କ ଆବେଦନକୁ ଅଗ୍ରାଧିକାର ଦିଆଯିବ | ଯଦି କୋଣସି କାରଣ ପାଇଁ ଏଫଏସଟିପି ସ୍ଥିତ ୱାର୍ଡ଼ରୁ ଗୋଷ୍ଠୀ ଚୟନ ହୋଇପାରେ ନାହିଁ, ସେ ସମୟରେ ଅନ୍ୟ ୱାର୍ଡ଼ର ମିଶନ ଶକ୍ତି ଗୋଷ୍ଠୀଙ୍କ ଆବେଦନ ଉପରେ ବିଚାର କରାଯିବ |

**3.2** ମିଶନ ଶକ୍ତି ଗୋଷ୍ଠୀ ଆବେଦନ ପତ୍ର ଦେବା ସମୟରେ ଅତିକମରେ ତିନି ବର୍ଷ ପୂର୍ବରୁ ଗଠନ ହୋଇଥିବା ଦରକାର | ମୁକ୍ତା, ଆହାର, ଏଫଏସଟିପି ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡିକର ସଫଳ ରୂପାୟନରେ ଅଭିଜ୍ଞତା ଥିବା ମିଶନ ଶକ୍ତି ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ |

**3.3** ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ ପଞ୍ଚସୂତ୍ରକୁ ପ୍ରତିବଦ୍ଧତା ସହିତ ପାଳନ କରୁଥିବେ |

**3.4** ମିଶନ ଶକ୍ତି ଗୋଷ୍ଠୀ ଯେକୌଣସି ଆୟ ଉତ୍ପାଦନ କାର୍ଯ୍ୟକଳାପରେ ସର୍ବନିମ୍ନ ୨ ବର୍ଷ ପର୍ଯ୍ୟନ୍ତ ଜଡ଼ିତ ହୋଇଥିବା ଆବଶ୍ୟକ |

**3.5** ମିଶନ ଶକ୍ତି ଗୋଷ୍ଠୀର ପରିଚାଳନା ସମୟର ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୧ ଲକ୍ଷ ଟଙ୍କାର କାରବାର ହୋଇଥିବା ଆବଶ୍ୟକ |

**3.6** ମିଶନ ଶକ୍ତି ଗୋଷ୍ଠୀର କୌଣସି ଆର୍ଥିକ ଅନିୟମିତତା, ଯେପରିକି NPA ଘୋଷିତ ଋଣ ଇତ୍ୟାଦି ହୋଇନଥିବ |

**3.7** ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ ବର୍ତମାନ କିମ୍ବା ଅତୀତରେ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ହୋଇନଥିବେ |

**3.8** ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ହୋଇଥିବା ଆବଶ୍ୟକ |

**<u>ଆବେଦନ ଫର୍ମ ସହିତ ନିମ୍ନଲିଖିତ କାଗଜ ସଂଲଗ୍ନ କରିବେ :</u>**

1. ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରେଜୋଲୁସନର ନକଲ |
2. ମିଶନ ଶକ୍ତି ଗୋଷ୍ଠୀର ଗ୍ରେଡ଼େସନର ନକଲ |
3. ଆୟ ଉତ୍ପାଦନ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିବାର ପ୍ରମାଣ ପତ୍ର କିମ୍ବା ରେଜୋଲୁସନର ନକଲ |
4. ମିଶନ ଶକ୍ତି ଗୋଷ୍ଠୀର ପାସବୁକର ନକଲ, ଯେଉଁଥିରେ ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବାର ପ୍ରମାଣ ଥିବ |
5. ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଋଣ ଖାତାର ନକଲ |
6. ମଳଉପଚାର କେନ୍ଦ୍ରର ପରିଚାଳନାରେ ଭାଗ ନେବା ପାଇଁ ସଂପୃକ୍ତ ଆବେଦନକାରୀ ତାଙ୍କର ରେଜୋଲୁସନ ଖାତାରେ ଲିପିବଦ୍ଧ କରିଥିବେ ଏବଂ ଏହାର ନକଲ ଉପରୋକ୍ତ ଆବେଦନ ପତ୍ରରେ ସଂଯୁକ୍ତ କରିବେ |
7. ମିଶନ ଶକ୍ତି ଗୋଷ୍ଠୀ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ନହୋଇଥିବାର ଘୋଷଣା ପତ୍ର (ସଭାନେତ୍ରୀଙ୍କ ସ୍ୱାକ୍ଷର ଏବଂ ମୋହର ସହିତ) |
8. ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ପ୍ରମାଣ ପତ୍ର |
9. ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡର ନକଲ |
10. ମୁକ୍ତା, ଆହାର, ଏଫଏସଟିପି ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡିକର ସଫଳ ରୂପାୟନର ପ୍ରମାଣ ପତ୍ର (କାର୍ଯ୍ୟାଦେଶ ଇତ୍ୟାଦି, ଯଦି ଉପଲବ୍ଧ ଅଛି) |
11. ଆବେଦନକାରୀ ଗୋଷ୍ଠି ମେମ୍ବରମାନଙ୍କର ଆଧାର କାର୍ଡ କପି / ଭୋଟର କାର୍ଡ କପି , ଶିକ୍ଷାଗତ ଯୋଗ୍ୟତାର ନକଲ ଏବଂ ଗ୍ରୁପ ଫୋଟୋ ଦରଖାସ୍ତ ସହ ସଂଲଗ୍ନ କରିବେ |

12. ସଂଘର ସଭାପତି ଓ ସମ୍ପାଦକ ଦରଖାସ୍ତ (ଆବେଦନ ଫର୍ମ) ସହିତ ସେମାଙ୍କର ଦରଖାସ୍ତ ସହ ସଙ୍ଘର ମୋହର ଲଗାଇ ଆବେଦନ କରିବେ |

ଏ ବିଷୟରେ ଅତିରିକ୍ତ ସୂଚନା ସମ୍ବଲପୁର ମହାନଗର ନିଗମ ୱେବସାଇଟ www.smcsambalpur.nic.in ରେ ଉପଲବ୍ଧ ଅଛି |

**ସଂଲଗ୍ନକ:** ମିଶନ ଶକ୍ତି ଗୋଷ୍ଠୀ ପାଇଁ ଆବେଦନ ଫର୍ମ

ଆୟୁକ୍ତ

ସମ୍ବଲପୁର ମହାନଗର ନିଗମ ,ସମ୍ବଲପୁର

ଜ୍ଞାପକ ସଂଖ୍ୟା 5548 / ତାରିଖ 13.06.2024

ଏହାର ଏକକିତା ନକଲ ଡି.ଆଇ.ଓ ଅବଗତି ନିମନ୍ତେ ପ୍ରେରଣା କରାଯାଇ ଓ ଏନ.ଆଇ.ସି ପୋର୍ଟାଲରେ ପୋଷ୍ଟ କରିବା ପାଇଁ ଅନୁରୋଧ କରାଯାଇଛି |

ଆୟୁକ୍ତ

ସମ୍ବଲପୁର ମହାନଗର ନିଗମ ,ସମ୍ବଲପୁର

ଜ୍ଞାପକ ସଂଖ୍ୟା 5549 / ତାରିଖ 13.06.2024

ଏହାର ଏକକିତା ନକଲ ଅଫିସ ନୋଟିସ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ବହୁଳ ପ୍ରସାର ନିମନ୍ତେ ଏହାକୁ ତାଙ୍କର ନୋଟିସ ବୋର୍ଡ଼ରେ ପ୍ରକାଶନ କରିବେ |

ଆୟୁକ୍ତ

ସମ୍ବଲପୁର ମହାନଗର ନିଗମ ,ସମ୍ବଲପୁର

* ଗୋଷ୍ଠୀ ମୋହର ସହିତ

# ମିଶନ ଶକ୍ତି ଗୋଷ୍ଠୀ ପାଇଁ ଆବେଦନ ଫର୍ମ

| କ୍ର. ସଂଖ୍ୟା | | ବିବରଣୀ |
|---|---|---|
| ୧ | ମିଶନ ଶକ୍ତି ଗୋଷ୍ଠୀର ନାମ | |
| ୨ | ଠିକଣା | |
| ୩ | ୱାର୍ଡ଼ ସଂଖ୍ୟା | |
| ୪ | ଗୋଷ୍ଠୀ ଗଠନ ତାରିଖ | |
| ୫ | ଗୋଷ୍ଠୀ ସଦସ୍ୟ ସଂଖ୍ୟା | |
| ୬ | ସଭାନେତ୍ରୀଙ୍କ ନାମ | |
| ୭ | ସଭାନେତ୍ରୀଙ୍କ ଫୋନ ନମ୍ବର | |
| ୮ | ସେକ୍ରେଟେରୀଙ୍କ ନାମ | |
| ୯ | ସେକ୍ରେଟେରୀଙ୍କ ଫୋନ ନମ୍ବର | |
| ୧୦ | ଶ୍ରେଣୀକରଣ (Gradation) ହୋଇଛି? (ହଁ/ ନାହିଁ) | |
| ୧୧ | କେଉଁ ବ୍ୟାଙ୍କରେ ଆକାଉଣ୍ଟ ଖୋଲା ହୋଇଛି? | |
| ୧୨ | ଆକାଉଣ୍ଟ ସଂଖ୍ୟା | |
| ୧୩ | ମିଶନ ଶକ୍ତି ଗୋଷ୍ଠୀର PAN କାର୍ଡ ସଂଖ୍ୟା | |
| ୧୪ | RF/Seed ପାଇଛନ୍ତି? (ହଁ/ନାହିଁ ) | |
| ୧୫ | ଗୋଷ୍ଠୀର ପୂର୍ବ କାର୍ଯ୍ୟକଳାପ (Work order copy ସଂଲଗ୍ନ କରିବେ) | |
| ୧୬ | ପାସ ବୁକ ନିୟମିତ ଭାବରେ ସଂଚାଳନ ହେଉଛି କି? (ହଁ/ନାହିଁ) (ପାସବୁକର ପ୍ରଥମ ଓ ଅନ୍ତିମ ପୃଷ୍ଠା ସଂଲଗ୍ନ କରନ୍ତୁ) | |
| ୧୭ | ମିଶନ ଶକ୍ତି ଗୋଷ୍ଠୀ ପରିଚାଳନା ଆରମ୍ଭ ସମୟରୁ କେତେ ଟଙ୍କା ଋଣ ନେଇଛନ୍ତି ? | |
| ୧୮ | ଗୋଷ୍ଠୀର ଋଣ ଦେୟ କିମ୍ବା ରେକର୍ଡ ରଖିବାରେ କୌଣସି ଆର୍ଥିକ ଅନିୟମିତତା ହୋଇଛି କି? (ହଁ/ନାହିଁ) | |
| ୧୯ | ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ହୋଇଛି? (ହଁ/ନାହିଁ) | |
| ୨୦ | ଅତୀତ କିମ୍ବା ବର୍ତ୍ତମାନରେ କୌଣସି ଅସାମାଜିକ କାର୍ଯ୍ୟକଳାପରେ ଜଡ଼ିତ ହୋଇଛନ୍ତି କି? (ହଁ/ନାହିଁ) | |
| ୨୧ | କେଉଁ ମଳଉପଚାର କେନ୍ଦ୍ରରର କାର୍ଯ୍ୟ ନେବାକୁ ଇଚ୍ଛୁକ ? | |

ସେକ୍ରେଟେରୀଙ୍କ ସ୍ୱାକ୍ଷର
(ମୋହର ସହିତ)

ସଭାନେତ୍ରୀଙ୍କ ସ୍ୱାକ୍ଷର
(ମୋହର ସହିତ)

**ସଂଲଗ୍ନ (ଯେଉଁ କାଗଜ ସଂଲଗ୍ନ କରିଛନ୍ତି ଟିକ ( √ ) କରନ୍ତୁ):**

- ☐ ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରେଜୋଲୁସନର ନକଲ |
- ☐ ମିଶନ ଶକ୍ତି ଗୋଷ୍ଠୀର ଗ୍ରେଡ଼େସନର ନକଲ |
- ☐ ଆୟ ଉତ୍ପାଦନ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିବାର ପ୍ରମାଣ ପତ୍ର କିମ୍ବା ରେଜୋଲୁସନର ନକଲ |
- ☐ ମିଶନ ଶକ୍ତି ଗୋଷ୍ଠୀର ପାସ୍‌ବୁକର ନକଲ, ଯେଉଁଥିରେ ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବାର ପ୍ରମାଣ ଥିବ | ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଋଣ ଖାତାର ନକଲ
- ☐ ପାସ୍‌ବୁକର ପ୍ରଥମ ଓ ଅନ୍ତିମ ପୃଷ୍ଠା ସଂଲଗ୍ନ କରନ୍ତୁ |
- ☐ ମିଶନ ଶକ୍ତି ଗୋଷ୍ଠୀ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ନହୋଇଥିବାର ଘୋଷଣା ପତ୍ର (ସଭାନେତ୍ରୀଙ୍କ ସ୍ୱାକ୍ଷର ଏବଂ ମୋହର ସହିତ) |
- ☐ ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ପ୍ରମାଣ ପତ୍ର |
- ☐ ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡର ନକଲ |
- ☐ ମୁକ୍ତା, ଆହାର, ଏଫଏସସିପି ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନର ପ୍ରମାଣ ପତ୍ର (କାର୍ଯ୍ୟାଦେଶ ଇତ୍ୟାଦି, ଯଦି ଉପଲବ୍ଧ ଅଛି) |
- ☐ ଆବେଦନକାରୀ ଗୋଷ୍ଠି ମେମ୍ବରମାନଙ୍କର ଆଧାର କାର୍ଡ କପି / ଭୋଟର କାର୍ଡ କପି , ଶିକ୍ଷାଗତ ଯୋଗ୍ୟତାର ନକଲ ଏବଂ ଗ୍ରୁପ ଫୋଟୋ ଦରଖାସ୍ତ ସହ ସଂଲଗ୍ନ କରିବେ |
- ☐ ମଳଉପଚାର କେନ୍ଦ୍ରର ପରିଚାଳନାରେ ଭାଗ ନେବା ପାଇଁ ସଂପୃକ୍ତ ଆବେଦନକାରୀ ତାଙ୍କର ରଜୋଲୁସନ ଖାତାରେ ଲିପିବଦ୍ଧ କରିଥିବେ ଏବଂ ଏହାର ନକଲ ଉପରୋକ୍ତ ଆବେଦନ ପତ୍ରରେ ସଂଯୁକ୍ତ କରିବେ |